To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.101, ଭଦ୍ରକ, ଶନିବାର, ୬, ଅକ୍ଟୋବର ୨୦୧୮ ■ Bhadrak, Saturday, 6 October 2018 Rs. 2.00 Pages-8

ଭାରତକୁ ମିଳିବ ବିଧ୍ୱଂସୀ ରକ୍ଷା କବଚ

- ସଫଳ ହେଲା ଭାରତ-ରଷ ଚୁକ୍ତି
- ଏସ-୪୦୦ ମିସାଇଲ ପାଇଁ ରାଜିନାମା ସ୍ୱାକ୍ଷର
- ଚୀନ୍ ଓ ପାକିସ୍ତାନ ଭଳି ପଡୋଶୀ ରାଷ୍ଟ୍ରଙ୍କୁ କଡା ଚ୍ୟାଲେଞ୍ଜ
- ୪୦୦ କିଲୋମିଟର ଦୂରତା ଭିତରେ ଯେକୌଣସି କ୍ଷେପଣାସ୍ତ୍ରକୁ ଅକାମୀ କରିବ

ନୂଆଦିଲ୍ଲୀ, : ରଷ ରାଷ୍ଟ୍ରପତି ଭ୍ଲାଦିମିର ପୁତିମ ଦୁଇ ଦିବସୀୟ ଭାରତ ଗସ୍ତରେ ଆସିଛି । ଏହି ଅବସରରେ ଭାରତ ଏବଂ ରଷ ମଧ୍ୟରେ ଏସ-୪୦୦ ମିସାଇଲ ରାଜିନାମା ହସ୍ତାକ୍ଷର ହୋଇଛି । ଦୁଇ ଦେଶ ମଧ୍ୟରେ ଅନ୍ତରିକ୍ଷ ସହଯୋଗ ପାଇଁ ମଧ୍ୟ ଚୁକ୍ତି ସ୍ୱାକ୍ଷର ହୋଇଛି । ସୂଚନାନୁଯାୟୀ, ପାଞ୍ଚଟି ଏସ-୪୦୦ ମିସାଇଲ୍ ରକ୍ଷା ପ୍ରଣାଳୀ ରାଜିନାମା ହସ୍ତାକ୍ଷର ହେବା ସହ ଭାରତ ଏବଂ ରଷ ମଧ୍ୟରେ ଅନ୍ତରୀକ୍ଷ ସହଯୋଗୀ ରାଜିନାମା ମଧ୍ୟ ହସ୍ତାକ୍ଷର ହୋଇଯାଇଛି । ସାଇବେରିଆରେ ରଷୀୟ ସହରରେ ନୋବୋସେବିକ୍ସରେ ଏକ ଭାରତୀୟ ଷ୍ଟେସନ୍ ନିର୍ମାଣ କରାଯିବ । ପ୍ରଧାନମନ୍ତ୍ରୀ ମୋଦୀ ଏବଂ ପୁତିମଙ୍କ ମଧ୍ୟରେ ଦ୍ୱିପାକ୍ଷିକ ବାର୍ତ୍ତାଳାପ ହୋଇଛି । ହାଇଦ୍ରାବାଦ ହାଉସରେ ମୋଦୀ ଏବଂ ପୁତିମ ହାତ ମିଶାଇ ପରସ୍ପରଙ୍କୁ କୋଳାଗ୍ରତ କରିଥିବାର ଦେଖାଯାଇଛି ।

ଉଲ୍ଲେଖଯୋଗ୍ୟ, ଭାରତ-ରଷ ମଧ୍ୟରେ ହେବାକୁ ଥିବା ରାଜିନାମା ଆମେରିକାକୁ ହଜମ ହୋଇ ନଥିଲା । ଏଥିପାଇଁ ଆମେରିକା ଭାରତକୁ ଚେତାବନୀ ମଧ୍ୟ ଦେଇ ସାରିଛି । ଅନ୍ୟ ପକ୍ଷରେ ରଷ ଠାରୁ ଏସ-୪୦୦ ମିସାଇଲ କିଣିବାକୁ ନେଇ ପାକିସ୍ତାନ ମଧ୍ୟ ନଜର ରଖିଛି । ତେବେ ଏହି ରାଜିନାମା ପାଇଁ ପୁତିନ ବିମାନ ବନ୍ଦରରେ ପହଂଚି ଥିଲେ । ସେଠାରୁ ସେ ସିଧା ପ୍ରଧାନମନ୍ତ୍ରୀଙ୍କ ବାସ ଭବନରେ ପହଂଚିଥିଲେ । ପୁତିମ ଆସିବା ପୂର୍ବରୁ ମୋଦୀ ଟ୍ୱିଟ୍ କରି ତାଙ୍କୁ ସ୍ୱାଗତ କରିଥିଲେ ।

ଚୀନ୍ ଓ ପାକିସ୍ତାନ ଭଳି ପଡୋଶୀ ରାଷ୍ଟ୍ରକୁ କଡା ଚ୍ୟାଲେଞ୍ଜ ଦେବ ଭାରତ । ଦିଲ୍ଲୀରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଛି ଐତିହାସିକ ଚୁକ୍ତି । ଆମେରିକାର ଧମକକୁ ବେଖାତିର କରି ରୁଷିଆର ଏସ୍-୪୦୦ ଆଂଟି ମିସାଇଲ୍ ସିଷ୍ଟମ କିଣିବ ଭାରତ । ଏଥିପାଇଁ ରୁଷ୍ ଓ ଭାରତ ମଧ୍ୟରେ ୪୦ ହଜାର କୋଟି ଟଙ୍କାର ଡିଲ୍ ହୋଇଛି । ବିଶ୍ୱର ଏହି ଅତ୍ୟାଧୁନିକ ମିସାଇଲ୍ ସିଷ୍ଟମ, ଭାରତ ପାଇଁ ସାଜିବ ରକ୍ଷା କବଚ । ୪୦୦ କିଲୋମିଟର ଦୂରତା ଭିତରେ ଯେକୌଣସି କ୍ଷେପଣାସ୍ତ୍ରକୁ ଆକାଶରେ ହିଁ ଅକାମୀ କରିଦେବ ଏହି ଆଣ୍ଟି ମିସାଇଲ୍ ସିଷ୍ଟମ୍ । ଏହା ଏପରି ଏକ କ୍ଷେପଣାସ୍ତ୍ର ବିଧ୍ୱଂସୀ ବ୍ୟବସ୍ଥା ଯାହା ଦେଶକୁ ରଖିବ ଶକ୍ତ ସୁରକ୍ଷା ବଳୟ ଭିତରେ । ବର୍ତ୍ତମାନ ବିଶ୍ୱର ସବୁଠୁ ଆଧୁନିକ ହେଉଛି ଏସ୍-୪୦୦ ଟ୍ରମ୍ଫ । ସୁପରସୋନିକ୍ ଓ ହାଇପରସୋନିକ୍ ବେଗରେ କାମ କରିବ ଏହି ଆଣ୍ଟି ମିସାଇଲ୍ ଡିଫେନ୍ସ ସିଷ୍ଟମ୍ । ନିମିଷକ ମଧ୍ୟରେ ଶୂନ୍ୟରୁ ଆକାଶକୁ ଚିରି ଶକ୍ତିଶାଳୀ ମିସାଇଲ୍‌କୁ ମିଳାଇଦେବ । ଏପରି ସୁରକ୍ଷା ବଳୟ ହାସଲ ପାଇଁ ଦିଲ୍ଲୀର ହାଇଦ୍ରାବାଦ୍

ନକ୍ସଲ ଦମନ ବୈଠକ

ଓଡିଶା-ଆନ୍ଧ୍ର ରାଜ୍ୟର ସୀମାରେ ଭିତ୍ତିଭୂମି ମଜଭୁତ କରାଯିବ

ଭୁବନେଶ୍ୱର, ୫।୧୦(ସକାଳଖବର): ନକ୍ସଲ ଦମନ ନେଇ ଓଡିଶା ଓ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସମନ୍ୱୟ ବୈଠକ ଶେଷ ହୋଇଛି । ଏହି ବୈଠକରେ ଓଡିଶା ଡିଜିପି ଆର.ପି ଶର୍ମା, ଆନ୍ଧ୍ର ପ୍ରଦେଶ ଡିଜିପି ଆର.ପି ଠାକୁର, ଉଭୟ ରାଜ୍ୟର ଗୁଇନ୍ଦା ନିର୍ଦ୍ଦେଶକ ଏବଂ ଉଚ୍ଚପଦସ୍ଥ ପୋଲିସ୍ ଅଧିକାରୀମାନେ ଉପସ୍ଥିତ ରହିଥିଲେ । ଉଭୟ ରାଜ୍ୟର ସୀମାରେ ଭିତ୍ତିଭୂମିକୁ ମଜଭୁତ କରାଯିବା ସହ ପୋଲିସ ଓ ଗୁଇନ୍ଦା ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅପରେସନ୍ କାର୍ଯ୍ୟକୁ ୍ରାନ୍ିତ କରିବା ପାଇଁ ଆଲୋଚନା ହୋଇଛି । ବୈଠକ ଶେଷରେ ଦୁଇ ରାଜ୍ୟର ଡିଜିପି ସୂଚନା ଦେଇ କହିଛନ୍ତି ଯେ ଦୁଇ ରାଜ୍ୟ ମଧ୍ୟରେ ମାଓ ଦମନ ସଂକ୍ରାନ୍ତ ଆଲୋଚନା ସଫଳ ହୋଇଛି । ମାଓବାଦୀଙ୍କ ଗତିବିଧି ନେଇ ଉଭୟ ପକ୍ଷରୁ ତଥ୍ୟ ଆଦାନୁପ୍ରଦାନ ହୋଇଛି । ତଥ୍ୟ ନେଣଦେଣ ଯୋଗୁଁ ମାଓ ଗତିବିଧି ନେଇ ଅଧିକ ତଥ୍ୟ ମିଳିଛି । ଆଗାମୀ ଦିନରେ ଦୁଇ ରାଜ୍ୟ ମଧ୍ୟରେ ତୃଣମୂଳସ୍ତରୀୟ ଆଲୋଚନା ହେବ । ଉଭୟ ପକ୍ଷରେ ସମନ୍ୱୟ ଭଲ ରହିଲେ ମାଓ ଦମନ ସହଜ ହେବ ।

ଆନ୍ଧ୍ର ପ୍ରଦେଶ ଡିଜିପି ଆର.ପି ଠାକୁର ଓଡିଶା ଓ ଆନ୍ଧ୍ର ରାଜ୍ୟର ସୀମାରେ ଭିତ୍ତିଭୂମି ମଜଭୁତ କରାଯିବା ସହ ପୋଲିସ ଓ ଗୁଇନ୍ଦା ବିଭାଗ ମଧ୍ୟରେ ସମନ୍ୱୟ ରଖାଯିବ ବୋଲି କହିଥିଲେ । ଆଗକୁ ନିର୍ବାଚନ ଆସୁଥିବାରୁ ନେତାଙ୍କୁ ସୁରକ୍ଷା ଦେବା ଉପରେ ଗୁରୁତ୍ୱ ଦିଆଯିବା ନେଇ ସେ କହିଛନ୍ତି । ଅନ୍ୟପକ୍ଷେ ରାଜ୍ୟ ପୋଲିସ ଡିଜି ଆର.ପି ଶର୍ମା ବୈଠକରେ ମାଲକାନଗିରି ବିଚ୍ଛିନ୍ନାଞ୍ଚଳରେ ନିର୍ମିତ ଗୁରୁପ୍ରିୟା ସେତୁ ଉପରେ ଗୁରୁତ୍ୱାରୋପ କରିଥିଲେ । ଗୁରୁପ୍ରିୟାରେ ଡ୍ରୋନ କ୍ୟାମେରା ଲଗାଯିବ । ପ୍ରତି ମାସରେ ମାଓ ପ୍ରବଣ ଜିଲ୍ଲାର ଏସପିଙ୍କ ବୈଠକ ହେବ । ମାଓ ଅଞ୍ଚଳରେ ଅଧିକ ଫୋର୍ସ ମୁତୟନ ପାଇଁ ମଧ୍ୟ କେନ୍ଦ୍ରକୁ ଅନୁରୋଧ କରାଯିବ ବୋଲି ଶ୍ରୀ ଶର୍ମା କହିଛନ୍ତି ।

ପୁରୀରୁ ନିର୍ବାଚନ ଲଢିପାରନ୍ତି ମୋଦି !

ଭୁବନେଶ୍ୱର,୫।୧୦ (ସକାଳ ଖବର): ଆସନ୍ତା ସାଧାରଣ ନିର୍ବାଚନରେ ଓଡିଶାର ପୁରୀରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତିଦ୍ୱନ୍ଦିତା କରିବାପାଇଁ ତାଙ୍କୁ ଆମ ପକ୍ଷରୁ ପ୍ରସ୍ତାବ ଦିଆଯାଇଛି ବୋଲି ରାଜ୍ୟ ବିଜେପି ସଭାପତି ଶ୍ରୀ ବସନ୍ତ ପଣ୍ଡା ପ୍ରକାଶ କରିଛନ୍ତି। ତେବେ ଏସମ୍ପର୍କରେ ବିଜେପି ଦଳର ସଂସଦୀୟ ବୋର୍ଡ ଚୂଡାନ୍ତ ନିଷ୍ପତି ନେବ। ଜାତୀୟ ଗଣମାଧ୍ୟମ ଗୁଡିକରେ ହୋଇଥିବା ସର୍ଭେ ରିପୋର୍ଟରେ ମୋଦିଙ୍କୁ ସଫଳତା ମିଳିବା ତାହାକୁ ଦୃଷ୍ଟିରେ ରଖି ପୁରୀରୁ ଲଢିବା ପାଇଁ ପ୍ରସ୍ତାବ ଦିଆଯାଇଛି।

୧୧ରେ ହାଜିର ପାଇଁ ଆୟାରଙ୍କୁ ନୋଟିସ

ଭୁବନେଶ୍ୱର, ୫।୧୦(ସକାଳଖବର): ବିଧାୟକଙ୍କ ପ୍ରତି ଦେଇଥିବା ଅରୁଚିକର ମନ୍ତବ୍ୟ ପାଇଁ ବିଧାନସଭା ଗୃହ କମିଟି ପକ୍ଷରୁ ଅଭିଜିତ ଆୟାରଙ୍କୁ ୧୧ ତାରିଖରେ ଉପସ୍ଥିତି ରହିବା ପାଇଁ ନୋଟିସ ଜାରି କରାଯାଇଛି । ତାଙ୍କୁ ବ୍ୟକ୍ତିଗତ ହାଜର ହେବା ପାଇଁ କୁହାଯାଇଛି । ଅନ୍ୟପକ୍ଷରେ ତାଙ୍କୁ ସୁରକ୍ଷା ଦେବାପାଇଁ ପୁରୀ ଏସପି ସାର୍ଥକ ଷଡ଼ଙ୍ଗୀଙ୍କୁ ଲେଖି ଜଣାଇଛନ୍ତି । କୋଣାର୍କ ମନ୍ଦିର ସମ୍ପର୍କରେ ଅଶାଳୀନ ମନ୍ତବ୍ୟ ଦେଇ ବିବାଦରେ ଥିବା ଅଭିଜିତ ଆୟର ମିତ୍ରଙ୍କ ଅନ୍ତରୀଣ ସୁରକ୍ଷା ଶେଷ ହେବା ପରେ କୋଣାର୍କ ଥାନାରେ ହାଜର ହେବା ପାଇଁ ଶୁକ୍ରବାର ଅପରାହ୍ନରେ ଭୁବନେଶ୍ୱରରେ ପହଂଚିଛନ୍ତି।

ଗତକାଲି ସୁପ୍ରିମକୋର୍ଟ ତାଙ୍କ ଜାମିନ ଆବେଦନ ଖାରଜ୍ କରିଦେଇଥିଲେ। ଧର୍ମୀୟ ଭାବନା ପ୍ରତି ଆଘାତ ଦେଇଥିବାରୁ କୋର୍ଟ ତାଙ୍କ ଜାମିନ୍ ଖାରଜ କରିଥିଲେ। ଓଡ଼ିଶାରେ ଓକିଲମାନଙ୍କ ଆନ୍ଦୋଳନ ଚାଲିଥିବାରୁ ଓଡିଶାକୁ ଗଲେ ତାଙ୍କର ଜାମିନ ଆବେଦନର ଶୁଣାଣି ହୋଇପାରିବ ନାହିଁ। ଏହା ସହିତ ଓଡ଼ିଶା ଗଲେ ଅଭିଜିତଙ୍କ ଜୀବନ ପ୍ରତି ବିପଦ ଅଛି ବୋଲି ତାଙ୍କ ଓକିଲ କୋର୍ଟଙ୍କୁ ଜଣାଇଥିଲେ। କିନ୍ତୁ ଏହି ମାମଲାର ଶୁଣାଣି କରି ପ୍ରଧାନ ବିଚାରପତି ରଂଜନ ଗୋଗୋଇ କହିଥିଲେ ଯେ ଯଦି ତୁମ ଜୀବନ ପ୍ରତି ବିପଦ ଅଛି ତୁମ ପାଇଁ ଜେଲ ହିଁ ସବୁଠାରୁ ନିରାପଦ ସ୍ଥାନ। ତେଣୁ ପୋଲିସ୍ ନିକଟରେ ଆତ୍ମସମର୍ପଣ ନକଲେ ତାଙ୍କୁ ଗିରଫ କରାଯାଇଥାନ୍ତା। ଏଥିପାଇଁ ସେ ଶୁକ୍ରବାର ଓଡିଶା ଆସିଛନ୍ତି। ପୂର୍ବରୁ ନୂଆଦିଲ୍ଲୀରୁ ଅଭିଜିତଙ୍କୁ ଗିରଫ କରଯାଇ ସାକେତ କୋର୍ଟରେ ହାଜର କରାଯାଇଥିଲା। ସେଠାରୁ ସେ ଜାମିନରେ ଯାଇଥିଲେ। ପରେ ସୁପ୍ରିମକୋର୍ଟ ତାଙ୍କୁ ୫ ତାରିଖ ଯାଏ ଅନ୍ତରୀଣ ସୁରକ୍ଷା ଦେଇଥିଲେ। ଅଭିଜିତଙ୍କ କୋଣାର୍କ ମନ୍ଦିର ସମ୍ପର୍କରେ ବିବାଦୀୟ ଭିଡିଓ ପଦାକୁ ଆସିବା ପରେ ସାରା ରାଜ୍ୟରେ ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା।

କେନ୍ଦ୍ରୀୟ ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଲଘୁଚାପ

୯ରୁ ରାଜ୍ୟରେ ବର୍ଷା ସମ୍ଭାବନା



ଭୁବନେଶ୍ୱର ୫।୧୦ (ସକାଳ ଖବର): ଓଡ଼ିଶା ଉପକୂଳର କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ଦାନା ବାନ୍ଧୁଛି ବୋଲି ସନ୍ଧ୍ୟାରେ ପାଣିପାଗ ବିଭାଗ ତରଫରୁ ଆକଳନ କରାଯାଇଛି । ଆସନ୍ତା ୯ ତାରିଖ ବେଳକୁ ଏହି ଲଘୁଚାପଟି ଘନୀଭୂତ ହେବା ସହ ଓଡ଼ିଶା ଉପକୂଳରେ ଏହାର ପ୍ରଭାବ ପଡ଼ିବ ବୋଲି ଆକଳନ କରାଯାଇଛି । ଏହି ଲଘୁଚାପର ପ୍ରଭାବରେ ସମଗ୍ର ଉପକୂଳ ଓଡ଼ିଶାରେ ବର୍ଷା ହେବାର ସମ୍ଭାବନା ରହିଛି । ଆସନ୍ତା ଅକ୍ଟୋବର ୧୧ ତାରିଖ ବେଳକୁ ଲଘୁଚାପଟି ଓଡ଼ିଶା ଉପକୂଳର ନିକଟବର୍ତ୍ତୀ ହେବା ସହ ବଙ୍ଗୋପସାଗର ମଧ୍ୟରେ ଏହା ଦକ୍ଷିଣରୁ ଉତ୍ତର ଦିଗକୁ ଗତି କରି ଡିପ୍ରେସନ୍ କିମ୍ବା ଡିପ୍ ଡିପ୍ରେସନ୍‌ର ରୂପ ନେବାର ସମ୍ଭାବନା ରହିଛି । ଏଥିସହ ୧୨ ତାରିଖ ସୁଦ୍ଧା ଓଡ଼ିଶାର ଉତ୍ତର ଉପକୂଳ ଦେଇ ଏହା ସ୍ଥଳଭାଗକୁ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହା ପ୍ରଭାବରେ ଉପକୂଳ ଓଡ଼ିଶାର ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, ଯାଜପୁର, କେନ୍ଦ୍ରାପଡା, ପୁରୀ, ଖୋର୍ଦ୍ଧା, ନୟାଗଡ, କଟକ ଓ ଜଗତସିଂହପୁର ପ୍ରଭୃତି ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ଆକଳନ କରିଛି ପାଣିପାଗ ବିଭାଗ ।

ଆଜି ପୁରୀ ଗସ୍ତରେ ଆସିବେ ଆମିସ କ୍ୟୁରୀ

ଭୁବନେଶ୍ୱର, ୫।୧୦(ସକାଳଖବର): ଆସନ୍ତା କାଲି ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିସ କ୍ୟୁରୀ ପୁନର୍ବାର ପୁରୀ ଗସ୍ତରେ ଆସୁଛନ୍ତି । ଧାଡ଼ି ଦର୍ଶନକୁ ନେଇ ଘଟିଥିବା ହିଂସାକାଣ୍ଡ, ପୋଡ଼ାଜଳା ଘଟଣା ସଂକ୍ରାନ୍ତୀୟ ରିପୋର୍ଟ ସେ ମାଗିଥିଲେ । ମନ୍ଦିର

୫ଲକ୍ଷ ଲୁଟିନେଲେ

ରାଉରକେଲା, ୫।୧୦(ସକାଳଖବର): ରାଉରକେଲା କାନାରା ବ୍ୟାଙ୍କରୁ ୫ଲକ୍ଷ ଟଙ୍କା ଉଠାଇ ସିଭିଲଟାଉନ ଦେଇ ଯାଉଥିବା ଜଣେ ବ୍ୟକ୍ତି ଠାରୁ ୨ଜଣ ମୋଟରସାଇକେଲ ଆରୋହୀ ମାରଣାସ୍ତ୍ର ଦେଖାଇ ସ୍ୱଷ୍ଟଦିବାଲୋକରେ ୫ଲକ୍ଷଥିବା ବ୍ୟାଗକୁ ଲୁଟିନେଇ ଫେରାର ହେବା ଘଟଣା ସହରରେ ଚାଂଚଲ୍ୟ ସୃଷ୍ଟି କରିଛି । ଖବରରୁ ପ୍ରକାଶ ଯେ ରାଜଗାଙ୍ଗପୁରର ଏକ ଶିଳ୍ପ ସଂସ୍ଥାର କର୍ମଚାରୀ ଦିଲିପ ଗୋପ ଆଜି ସକାଳେ ଟଙ୍କା ଉଠାଇବା ଲାଗି ରାଉରକେଲାର କାନାରା ବ୍ୟାଙ୍କକୁ ଆସିଥିଲେ । ଟଙ୍କା



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

ହୁଣ୍ଡିର ଆୟ (୪.୧୦.୧୮)
୧,୨୯,୨୯୫

ଗେଟ୍ ବନ୍ଦ କଲା ଛତିଶଗଡ, ମହାନଦୀ ଶୁଖିଯିବା ଆଶଙ୍କା

ଭୁବନେଶ୍ୱର,୫।୧୦(ସକାଳଖବର): ଛତିଶଗଡ ମହାନଦୀକୁ ପାଣି ଛାଡିବା ବନ୍ଦ କରିଦେଇଥିବାରୁ ଅଣମୌସୁମୀରେ ଓଡିଶା ଉପରେ ଏହାର ପ୍ରଭାବ ପଡିବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ମହାନଦୀର ଉପର ମୁଣ୍ଡରେ କୌଣସି ଗେଟ୍ ବନ୍ଦ ନକରିବା ପାଇଁ ଛତିଶଗଡକୁ ଅନୁରୋଧ କରାଯାଇଛି। ହୀରାକୁଦର ମୁଖ୍ୟ ଯନ୍ତ୍ରୀଙ୍କ ଠାରୁ ପ୍ରକାଶ ଯେ ଗତ ୩୦ ତାରିଖରେ ଜଳସମ୍ପଦ ବିଭାଗର ଏକ ଟିମ୍ ହୀରାକୁଦ ଉପରମୁଣ୍ଡକୁ ଯାଇ ବ୍ୟାରେଜ୍ ଗୁଡିକର ଅନୁଧ୍ୟାନ କରିଥିଲେ । ବ୍ୟାରେଜ୍ ର ଗେଟ୍ ଗୁଡିକ ବନ୍ଦ କରାଯାଇଥିବା ସେମାନେ ଜାଣିଥିଲେ । ଅନ୍ୟପକ୍ଷରେ ଛତିଶଗଡ଼ ଜଳସମ୍ପଦ ମନ୍ତ୍ରୀ ବ୍ରିଜମୋହନ ଅଗ୍ରୱାଲ କହିଛନ୍ତି ଯେ, ଛତିଶଗଡ଼ର କୌଣସି ବ୍ୟାରେଜ ଗେଟକୁ ବନ୍ଦ କରାଯାଇ ନାହିଁ । କଲମାରେ ୧୮ଟି ଗେଟ ବନ୍ଦ ହୋଇଛି । ଛତିଶଗଡ଼ ପକ୍ଷରୁ କୌଣସ ପାଣି ଅଟକା ଯାଇନାହିଁ । ଭଲ ମୌସୁମୀ ପାଇଁ ଛତିଶଗଡ଼ର ସବୁ ଡ୍ୟାମ ମାନଙ୍କରେ ପାଣି ପୁରି ରହିଛି । ହୀରାକୁଦ ଉପର ମୁଣ୍ଡରେ ଛତିଶଗଡ କଲମା ବ୍ୟାରେଜ ନିର୍ମାଣ କରି ବଡବଡ ଶିଳ୍ପ ସଂସ୍ଥାକୁ ପାଣି ଯୋଗାଇବା ପାଇଁ ଚୁକ୍ତି କରିଛି ବୋଲି ଜଣାଯାଇଛି । ମୌସୁମୀର ପ୍ରସ୍ଥାନ ପରେ ଆଉ ସେପରି ବର୍ଷା ହେବ ନାହିଁ ବୋଲି ଜାଣି ଛତିଶଡ କଲମା ବ୍ୟାରେଜ୍‌ର କେତେଗୁଡିଏ ଗେଟ୍‌କୁ ବନ୍ଦ କରିବା ଦ୍ୱାରା ମହାନଦୀର ଜଳସ୍ତର ହ୍ରାସ ପାଇବାରେ ଲାଗିଛି । ଏପରି ହେଲେ ଆଗକୁ ପରିସ୍ଥିତ ଅଣାୟତ ହୋଇପଡିବ ।

ନଭେମ୍ବର ୧୫ରେ ପୋଲାଭରମ୍ ସମ୍ପର୍କରେ ସୁପ୍ରିମ୍ କୋର୍ଟରେ ଚୂଡାନ୍ତ ଶୁଣାଣୀ

ଭୁବନେଶ୍ୱର,୫।୧୦(ସକାଳଖବର): ସୁପ୍ରିମ୍ କୋର୍ଟର ନିର୍ଦ୍ଦେଶ ଅନୁଯାୟୀ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶୁକ୍ରବାର ପୋଲାଭରମ୍ ସମ୍ପର୍କିତ ରିପୋର୍ଟ ଦାଖଲ କରାଯାଇଛି। ବ୍ୟାକ୍ ୱାଟର କ୍ଷତି ରିପୋର୍ଯ ଦେବାପାଇଁ ଗତକାଲି ସୁପ୍ରିମ୍ କୋର୍ଟ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଥିଲେ। ନଭେମ୍ବର ୧୫ ତାରିଖରେ ମାମଲା ଉପରେ ଚୂଡାନ୍ତ ଶୁଣାଣୀ କରିବାପାଇଁ ଦିନ ଧାର୍ଯ୍ୟ କରାଯାଇଛି। କେନ୍ଦ୍ର ପକ୍ଷରୁ ଦାଖଲ କରାଯାଇଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ ଗୋପାଳକୃଷ୍ଣ କମିଟି ୨୦୧୧ରେ ବ୍ୟାକ୍ ୱାଟର କ୍ଷତି ରିପୋର୍ଟ ଦେଇଥିବାରୁ ପୁନର୍ବାର ରିପୋର୍ଟ ଦେବାର ଆବଶ୍ୟକତା ନାହିଁ। ସୁପ୍ରିମ୍ କୋର୍ଟ ପ୍ରକଳ୍ପର ସଠିକ୍ ଜଳ ଧାରଣ କ୍ଷମତା ୫୦ ଲକ୍ଷ ଘନଫୁଟକୁ ବୃଦ୍ଧି କରିବାଦ୍ୱାରା ଓଡିଶା ଉପରେ କଣ ପ୍ରଭାବ ପଡିବ ସେଥିନେଇ ପ୍ରଶ୍ନ କରିଥିଲେ ହେଁ

ବିମାନବନ୍ଦରରେ ଯାତ୍ରୀଙ୍କ ପାଇଁ ବାୟୋମେଟ୍ରିକ ଡିଜିଟାଲ ବ୍ୟବସ୍ଥା

- ଡିଜି ଯାତ୍ରା ନୂତନ ନୀତି ଉନ୍ମୋଚନ
- ଫେବୃଆରୀ ସୁଦ୍ଧା କାର୍ଯ୍ୟକାରୀ ହେବ ଡିଜି ଯାତ୍ରା

ଭୁବନେଶ୍ୱର, ୫।୧୦ (ସକାଳ ଖବର): ନୂଆଦିଲ୍ଲୀରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ସୁରେଶ ପ୍ରଭୁ 'ଡିଜି ଯାତ୍ରା'ର ନୂତନ ନୀତି ଉନ୍ମୋଚନ କରିଛନ୍ତି। ଡିଜିଯାତ୍ରା ବିମାନବନ୍ଦରରେ ଯାତ୍ରୀମାନଙ୍କ ପାଇଁ ବାୟୋମେଟ୍ରିକ ଭିତିକ ଡିଜିଟାଲ ପ୍ରକ୍ରିୟା। ଏହି ଅବସରରେ ମନ୍ତ୍ରୀ କହିଲେ ଯେ, ବିମାନବନ୍ଦର ଗୁଡ଼ିକରେ ଏକକ ଡିଜିଟାଲ ପ୍ରକ୍ରିୟା ତଥା ପରିବେଶ ଅନୁକୂଳ ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ମନ୍ତ୍ରଣାଳୟ ଅନେକ ଗୁଡ଼ିଏ ପଦକ୍ଷେପ ନେଉଛି। ଏହି ମାନାଙ୍କରେ ବିକାଶ ପାଇଁ ବିମାନବନ୍ଦର ଅପରେଟର, ବିମାନ କମ୍ପାନି ଏବଂ ଉଦ୍ୟୋଗ ପ୍ରତିନିଧିମାନଙ୍କୁ ନେଇ ଏକ ବୈଷୟିକ କମିଟି ଗଠନ କରାଯାଇଛି। ୨୦୧୯ ଫେବୃଆରୀ ଶେଷ ସୁଦ୍ଧା ଡିଜିଯାତ୍ରା ସେଂଟ୍ରାଲ ପ୍ଲାଟଫର୍ମ କାର୍ଯ୍ୟକାରୀ ହୋଇଯିବ। ୨୦୧୯ ଫେବୃଆରୀ ସୁଦ୍ଧା ବାଙ୍ଗାଲୋର ଏବଂ ହାଇଦ୍ରାବାଦ ଆନ୍ତର୍ଜାତିକ ବିମାନ ବନ୍ଦରରେ ପରୀକ୍ଷାମୂଳକ ଭାବେ ଏହାର ବ୍ୟବହାର ଆରମ୍ଭ କରାଯିବ। ୨୦୧୯ ଏପ୍ରିଲ ସୁଦ୍ଧା କୋଲକାତା, ବାରାଣସୀ, ପୁନେ ଏବଂ ବିଜୟୱାଡାରେ ଏହାକୁ କାର୍ଯ୍ୟକାରୀ କରିବାକୁ ଭାରତୀୟ ବିମାନବନ୍ଦର କର୍ତ୍ତୃପକ୍ଷ (ଏଏଆଇ) ଲକ୍ଷ୍ୟ ରଖିଛନ୍ତି। ସୁରେଶ ପ୍ରଭୁ କହିଲେ ଯେ, ଡିଜିଯାତ୍ରା ଭବିଷ୍ୟତ ପାଇଁ ବିମାନବନ୍ଦର ଗୁଡ଼ିକରେ ଅତ୍ୟାଧୁନିକ ସେବା ପ୍ରଦାନରେ ସହାୟକ ହୋଇପାରିବ। ଯାତ୍ରୀମାନଙ୍କୁ ଯାତ୍ରାର ସୁବିଧା ପ୍ରଦାନ କରୁଥିବା କମ୍ପାନିମାନେ ଏହି ପ୍ଲାଟଫର୍ମ ମାଧ୍ୟମରେ ଉତମ ସେବା ଦେଇପାରିବେ। ଏହାଦ୍ୱାରା ନିୟମିତ ଯାତ୍ରା କରୁଥିବା ଯାତ୍ରୀମାନେ ହିଁ ସୁବିଧା ପାଇପାରିବେ ବୋଲି ସେ କହିଥିଲେ। ଡିଜିଯାତ୍ରା ବିଷୟରେ ସୂଚନା ଦେଇ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ରାଷ୍ଟ୍ର ମନ୍ତ୍ରୀ ଜୟନ୍ତ ସିହ୍ନା କହିଥିଲେ, ଏହା ମୁଖମଣ୍ଡଳ ଦ୍ୱାରା ପରିଚୟ ଭିତିକ ଯାତ୍ରୀଙ୍କୁ ଅନୁମତି ପ୍ରଦାନ ପ୍ରକ୍ରିୟା, ଯାହାକି ବିଶ୍ୱସ୍ତରରେ ପ୍ରଚଳିତ। ବିମାନବନ୍ଦରରେ ପ୍ରବେଶ ଠାରୁ ଆରମ୍ଭ କରି ବିମାନରେ ବସିବା ପର୍ଯ୍ୟନ୍ତ ଯାତ୍ରୀମାନଙ୍କୁ ବାଧାବିହୀନ ଅଭିଜ୍ଞତା ଦେବାକୁ ଡିଜିଯାତ୍ରା ଏକ କେନ୍ଦ୍ରୀକୃତ ପଂଜିକୃତ ପଦ୍ଧତି ହେବ। ଡିଜିଯାତ୍ରା ପ୍ରକ୍ରିୟାରେ ଯାତ୍ରୀଙ୍କୁ ଏକ ଡିଜିଯାତ୍ରା ଆଇଡି (ପରିଚୟପତ୍ର) ପ୍ରଦାନ କରାଯିବ। ଏଥିରେ ନାମ, ଇ-ମେଲ ଆଇଡି, ମୋବାଇଲ ନମ୍ବର ଏବଂ ଅନୁମୋଦିତ ପରିଚୟ ପ୍ରମାଣ ଭଳି ସର୍ବନିମ୍ନ ତଥ୍ୟ ରହିଥିବ। ଏଥିରେ ଆଧାର ବାଧ୍ୟତାମୂଳକ ନୁହେଁ। ଟିକେଟ ବୁକିଂସମୟରେ ଯାତ୍ରୀ ଏହି ଡିଜିଯାତ୍ରା ଆଇଡି ପ୍ରଦାନ କରିବେ। ଯାତ୍ରୀଙ୍କ ତଥ୍ୟ ଏବଂ ଡିଜିଯାତ୍ରା ଆଇଡି କମ୍ପାନି ପ୍ରସ୍ଥାନ ବିମାନବନ୍ଦରକୁ ଅବଗତ କରାଇବେ। ଶ୍ରୀ ସିହ୍ନା କହିଲେ ଯେ, ଡିଜିଯାତ୍ରା ଆଇଡି କରିଥିବା ଯାତ୍ରୀଙ୍କୁ ପ୍ରସ୍ଥାନ ବିମାନବନ୍ଦରରେ ପ୍ରଥମ ଥର ଯାତ୍ରା ବେଳେ ଥରେ ମାତ୍ର ଚେକିଂର ସମ୍ମୁଖୀନ ହେବାକୁ ପଡ଼ିବ। ଯଦି କୌଣସି ଯାତ୍ରୀ ଆଧାର ଦ୍ୱାରା ଡିଜିଯାତ୍ରା ଆଇଡି କରିଥିବେ ତେବେ ଅନଲାଇନରେ ତାହାର ଭେରିଫିକେସନ ହୋଇପାରିବ। ଭେରିଫିକେସନ ସଫଳ ହେଲେ ଫେସିଆଲ ବାୟୋମେଟ୍ରିକ ତଥ୍ୟ ଯାତ୍ରୀଙ୍କ ଡିଜିଯାତ୍ରା ଆଇଡିରେ ସୁରକ୍ଷିତ ରହିବ। ଯଦି ଅନ୍ୟ କୌଣସି ତଥ୍ୟ ଦ୍ୱାରା ଯାତ୍ରୀ ଡିଜିଯାତ୍ରା ଆଇଡି କରିଥିବେ, ତେବେ ଯାତ୍ରୀଙ୍କୁ ବିମାନ ବନ୍ଦରରେ ଥରେ ସୁରକ୍ଷା କର୍ମୀଙ୍କ ଦ୍ୱାରା ଚେକିଂ କରାଇ ଫେସିଆଲ ଭେରିଫିକେସନ କରିବାକୁ ପଡ଼ିବ। ଏହି ପଦ୍ଧତିରେ ଡିଜିଯାତ୍ରା ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରିବ ବୋଲି ସେ କହିଥିଲେ।

ମନ୍ତ୍ରଣାଳୟ ସଚିବ ରାଜୀବ ନୟନ ଚୌବେ କହିଥିଲେ ଯେ, ଡିଜିଯାତ୍ରା ଦ୍ୱାରା ଜଣେ ଯାତ୍ରୀ ସିଧାସଳଖ ବିମାନବନ୍ଦର ପ୍ରବେଶ ପଥର ଇ-ଗେଟକୁ ଯାଇ ଟିକେଟ/ବୋର୍ଡିଂ ପାସର ବାରକୋଡ୍/ କ୍ୟୁଆର କୋଡ୍‌କୁ ସ୍କାନ୍ କରିପାରିବେ। ଯାତ୍ରୀଙ୍କ ମୁଖମଣ୍ଡଳର ଫଟୋ ଏକ କ୍ୟାମେରା ଉତୋଳନ କରି ଡିଜିଯାତ୍ରା ଆଇଡିରେ ଥିବା ଫଟୋ ସହ ତୁଳନା କରିବ। ଯାତ୍ରା ବିବରଣୀ ଏବଂ ମୁଖମଣ୍ଡଳ ଫଟୋ ସମାଞ୍ଜସ୍ୟ ଆସିବା ପରେ ସ୍ୱୟଂ ଭାବେ ଇ-ଗେଟ

HxÿÉæ sæ{µÿàÿ ¯ÿfæÀÿÀÿ ÉµÿæÀÿ» Lÿ{àÿ þQ¿þ¦ê

¨æÀÿæ'ÿê¨¨Lÿ `ÿæàÿ¯ÿ {þ{þæ {sœÿ

¯ÿÀÿÏ œÿæSÀÿLÿ †ÿê$¾æ†ÿê {¾æfœÿæ: 179 f~ †ÿê$¾æ†ÿê{Àÿ Óæþàÿ

fàÿæÓÀÿ ¯ÿœÿ¿ ¨æ~ê Ó©æÜ ¨æÁÿ†ÿ

™æþÀÿæ{Àÿ ¨†ÿþ^ÿê µÿèÿæLÿ {œÿB D{^ÿ¯ÿfœÿæ : $æœÿæ{Àÿ þæþàÿæ Àÿf

Sæ{™æB¯ÿæLÿ ¾æB œÿæÀÿ{Àÿ QÓ ¨xÿ f{~ þ†ÿ

{LÿæsZÿ œÿÿ{•É Lÿ{þ f¯ÿÀÿ 'ÿQàÿ D{bÿ'ÿ

{¨ZÿÀÿ 'ÿAæ¾æB$ ÉÉ xÿæNÀÿQæœÿæ{Àÿ

œÿæ ¯ÿæÁÿLÿæLÿ A¨ÜÿÀÿ~ ¨{Àÿ ¨Àÿ ÿæÀÿ ÿSZ ™þLÿ, ¨àÿÓÀÿ µÿþLÿæ ÀÿÜÿÓ¿{WÀÿ{Àÿ

O†ÿ¦ µÿŸ{äþ {µÿæsÀÿ Óó{Éæ™œÿ Lÿæ¾¿Lÿþ

{Óàÿ 'ÿæÀÿæ Óbÿ†ÿæ Üÿ {Ó¯ÿæ ¨ä ¨æÁÿ†ÿ

FÓ Ó FÓ Lÿ{àÿf Lÿ ÓæBœÿ xÿæF {Wæ ~æ

DLÿ¯ÿ ßæµÿÀÿÓàÿ Lÿàÿ¨ÿA ¯ÿæSàÿ ¨æþ¨æÀÿZÿ ÓÜÿ ÀÿÜÿ Aæf ¿ ¨ÿ {ÿÓæÿ S{~ß àÿ ÿæ

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick